# NATIONAL NEWS BULLETIN (ODIA)
## 29 July - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀଠାରେ **ବିକଶିତ ଭାରତ ଅଭିମୁଖେ ଯାତ୍ରା' କେନ୍ଦ୍ରୀୟ ବଜେଟ୍-୨୦୨୪-୨୫ ପରବର୍ତ୍ତୀ ସ୍ଥିତି** ସମ୍ମିଳନୀକୁ କରିବେ ସମ୍ବୋଧନ ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ ।
- ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ଦେଶରେ ବୃଦ୍ଧି ପାଇଲା କୋଇଲା ଉତ୍ପାଦନହାର ।
- ଲୋକସଭାରେ ସାଧାରଣ ବଜେଟ୍ ଆଲୋଚନାରେ ଭାଗ ନେଇ ଅଗ୍ନିବୀର ଯୋଜନାର ସଫଳତା ସମ୍ପର୍କିତ ବିରୋଧୀ ଦଳ ନେତାଙ୍କ ଅଭିଯୋଗକୁ ଖଣ୍ଡନ କଲେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ପୁରୁଷ ହକି ବର୍ଗରେ ଅମିମାଂସିତ ଭାବେ ଶେଷ ହେଲା ଭାରତ ଆର୍ଜେନ୍ଟିନା ମ୍ୟାଚ୍ ।

## ପିଏମ୍-ବଜେଟ୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା **ବିକଶିତ ଭାରତ ଅଭିମୁଖେ ଯାତ୍ରା କେନ୍ଦ୍ରୀୟ ବଜେଟ୍-୨୦୨୪-୨୫ ପରବର୍ତ୍ତୀ ସ୍ଥିତି** ସମ୍ମିଳନୀକୁ ସମ୍ବୋଧନ କରିବେ । ଭାରତୀୟ ଶିଳ୍ପ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ଶିଳ୍ପକ୍ଷେତ୍ରର ଯୋଗଦାନ । ଶିଳ୍ପ, ସରକାରୀ, କୂଟନୈତିକ ସମ୍ପ୍ରଦାୟ ଆଦି କ୍ଷେତ୍ରରୁ ଏହି ସମ୍ମିଳନୀରେ ୧ ହଜାରରୁ ଅଧିକ ବିଶେଷଜ୍ଞ ଯୋଗଦେବେ ।

## ରାଜନାଥ-ଡିଏସି

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତୀୟ ସେନା ଲାଗି ବିଭିନ୍ନ ଆଧୁନିକ ଅସ୍ତ୍ରଶସ୍ତ୍ର ତଥା

ଉପକରଣ କିଣିବା ସମ୍ପର୍କିତ କେତେକ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତୀୟ ତଟରକ୍ଷୀ ବାହିନୀର କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୨ଟି ଅତ୍ୟାଧୁନିକ ଇଣ୍ଟର ସେକ୍ଟର ବୋଟ୍ କିଣିବା ସମ୍ପର୍କିତ ଏକ ପ୍ରସ୍ତାବ ମଧ୍ୟ ଏହି ବୈଠକରେ ପାରିତ ହୋଇଛି । ଏହି ବୋଟ୍ ଗୁଡ଼ିକ ଉପକୂଳରେ ପାଟ୍ରୋଲିଂ କରିବା ସହିତ ଖାନତଲାସି, ଉଦ୍ଧାର କାର୍ଯ୍ୟ ଏବଂ ଶତ୍ରୁପକ୍ଷଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାରେ ସହାୟକ ହେବ ।

## କୋଇଲା

୨୦୨୩-୨୪ ଆର୍ଥିକ ବର୍ଷରେ ଦେଶରେ କୋଇଲା ଉତ୍ପାଦନ ୧୧ ଦଶମିକ୍ ୬/୫ ପ୍ରତିଶତ ବୃଦ୍ଧି ପାଇଛି । ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଲାଗି ଏହି ସଫଳତା ହାସଲ ହୋଇପାରିଛି ବୋଲି କୋଇଲା ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଥିବା ସୂଚନା ଅନୁଯାୟୀ କୋଇଲା ଆମଦାନୀକୁ ହ୍ରାସ କରିବା ସହିତ ଏହାର ରପ୍ତାନୀକୁ ପ୍ରୋତ୍ସାହନ ଦେବା ଲାଗି ଅନେକ ଗୁଡ଼ିଏ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକୁ ଅଧିକ ସୁସଂହତ କରିବା ଉଦ୍ଦେଶ୍ୟରେ ଏକ ଆନ୍ତଃ ମନ୍ତ୍ରଣାଳୟ ସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟି ବିଭିନ୍ନ ମନ୍ତ୍ରଣାଳୟର

ସହଯୋଗରେ ଅଧିକ କୋଇଲା ଉତ୍ପାଦନ ଏବଂ ରପ୍ତାନୀ ଉପରେ କାର୍ଯ୍ୟ କରିବା । ଏହାଛଡ଼ା ଘରୋଇ କୋଇଲା ଉତ୍ପାଦନ, ଶକ୍ତି ସୁରକ୍ଷା ଏବଂ କୋଇଲା କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବା ନିମନ୍ତେ ରଣନୈତିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି । କୋଇଲା ଉତ୍ପାଦନ ଏବଂ ରପ୍ତାନୀ ବୃଦ୍ଧି ପାଇଲେ ଅର୍ଥନୈତିକ ଅଭିବୃଦ୍ଧି ହାସଲ ହେବା ସହିତ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଅନ୍ୟ ପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି କୋଇଲା ଉତ୍ପାଦନ ୧ହଜାର ୮୦ ମିଲିୟନ୍ ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଗଭ୍-ଷ୍ଟାର୍ଟଅପ୍

ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ୧ଲକ୍ଷ ୪୦ ହଜାର ଅତିକ୍ରମ କରିଛି । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ଶ୍ରୀ ଚୌଧୁରୀ କହିଛନ୍ତି, ପଞ୍ଜିକୃତ ହୋଇଥିବା ଷ୍ଟାର୍ଟଅପ୍ ଗୁଡ଼ିକ ଦ୍ୱାରା ଇତିମଧ୍ୟରେ ଦେଶ ବ୍ୟାପି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଦେଶର ଯୁବବର୍ଗଙ୍କ ମଧ୍ୟରେ ନବସୃଜନତାକୁ ବିକଶିତ କରିବା ଉଦ୍ଦେଶ୍ୟରେ ଏକ ସଶକ୍ତ ଜୈବ ବ୍ୟବସ୍ଥା ନିର୍ମାଣ କରିବା ସହିତ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ଲାଗି

୨୦୧୬ ମସିହାରେ ବିଜେପି ସରକାର ଦେଶ ବ୍ୟାପି ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ବୋଲି ଶ୍ରୀ ଚୌଧୁରୀ ମତବ୍ୟକ୍ତ କରିଛନ୍ତି ।

## ଭୂତଳ ଜଳ

ଭୂତଳ ଜଳ ବ୍ୟବହାର କରୁଥିବା ବିଶ୍ୱର ବୃହତ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ଭାରତ ସ୍ଥାନ ପାଇଛି ବୋଲି ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ କହିଛନ୍ତି । ଆଜି ଲୋକସଭାରେ ଏ ସମ୍ପର୍କରେ ଉତ୍ତର ଦେଇ ସେ କହିଛନ୍ତି, ବିଶ୍ୱର ମୋଟ୍ ଭୂତଳ ଜଳର ପ୍ରାୟ ୪ ପ୍ରତିଶତ ଭାରତରେ ଅଛି । ତେବେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୧୭ ପ୍ରତିଶତ ଭାରତରେ ବସବାସ କରନ୍ତି । ଭାରତୀୟଙ୍କର ବିଭିନ୍ନ ଆବଶ୍ୟକତା ମେଣ୍ଟାଇବା ଦିଗରେ ଏହି ଭୂତଳଜଳ ସଂରକ୍ଷଣ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

## ସ୍ମାର୍ଟ୍‌ସିଟି

ଦେଶରେ ୧୦୦ଟି ସ୍ମାର୍ଟ୍‌ସିଟିରେ ଏ ପର୍ଯ୍ୟନ୍ତ ୭ ହଜାର ୨୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ଆଜି ରାଜ୍ୟସଭାରେ ଗୃହ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖାନ୍ ସାହୁ କହିଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର

ଲିଖିତ ଉତ୍ତରରେ ସେ ଉଲ୍ଲେଖ କରିଛନ୍ତି, ଦେଶର ୧୦୦ଟି ସ୍ମାର୍ଟ୍‌ସିଟିରେ ମୋଟ୍ ୮ହଜାର ୧୬ଟି ପ୍ରକଳ୍ପ ଶେଷ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଶେଷ ହୋଇଥିବା ପ୍ରକଳ୍ପରେ ୧ଲକ୍ଷ ୪୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ କହିଛନ୍ତି । ସ୍ମାର୍ଟ୍‌ସିଟି ମିଶନ୍ ଅଧୀନରେ ସ୍ମାର୍ଟ୍‌ସିଟି ଗୁଡ଼ିକରେ ଏହିସବୁ ପ୍ରକଳ୍ପ କାର୍ଯ୍ୟକାରିତା କରିବାର ଅବଧିକୁ ଆସନ୍ତାବର୍ଷ  ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

## ପିଏମ୍ ସ୍ୱନିଧି

ପି.ଏମ୍. ସ୍ୱନିଧି ଯୋଜନା ଅଧୀନରେ ସରକାର ବୁଲାବିକାଳିଙ୍କୁ ୧୧ ହଜାର ୭୧୩ କୋଟି ଟଙ୍କା ଋଣ ମଞ୍ଜୁର ପ୍ରଦାନ କରିଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଗୃହ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖାନ୍ ସାହୁ ଏହି ସୂଚନା ଦେଇଥିଲେ । ସେ କହିଛନ୍ତି, ଏହି ବୁଲାବିକାଳିମାନେ ନିଜର ବ୍ୟବସାୟ ସମ୍ପ୍ରସାରଣ କରିବା ଲାଗି ଏହି ଋଣ ଯୋଗାଇ ଦିଆଯାଇଛି ।

# ଏଲ୍‌ଏସ୍‌-ବଜେଟ୍ ଡିସ୍‌କସନ୍

ଲୋକସଭାରେ ସାଧାରଣ ବଜେଟ୍ ୨୦୨୪-୨୫ ଉପରେ ଚାଲିଥିବା ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଜାତିଭିତ୍ତିକ ଜନଗଣନା କରିବା ସହିତ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟର ଆଇନ୍‌ଗତ ସୁରକ୍ଷା ଦେବା ଲାଗି ଦାବି କରିଛନ୍ତି । ସେ କହିଛନ୍ତି, ଏହି ଆଇନ୍‌ଗତ ସୁରକ୍ଷା ଚାଷୀଙ୍କୁ ସାହାଯ୍ୟ କରିବ । ସେହିଭଳି ଅଗ୍ନିବୀର ଯୋଜନାର ସଫଳତାକୁ ନେଇ ମଧ୍ୟ ଶ୍ରୀ ଗାନ୍ଧି ପ୍ରଶ୍ନ ଉଠାଇଛନ୍ତି ।

ତେବେ ଶ୍ରୀ ଗାନ୍ଧିଙ୍କର ଅଗ୍ନିବୀର ଯୋଜନା ସମ୍ପର୍କିତ ଏଭଳି ମନ୍ତବ୍ୟକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଏହି ଯୋଜନା ସମ୍ପର୍କରେ ବିରୋଧୀ ଦଳ ନେତା ଭୁଲ୍ ତଥ୍ୟ ଦେଉଛନ୍ତି । ଏହି ପ୍ରସଙ୍ଗରେ ଗୃହରେ ଆଲୋଚନା କରିବା ଲାଗି ସେ ସର୍ବଦା ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ସେହିଭଳି ଶ୍ରୀ ଗାନ୍ଧି ନିଜର ମନ୍ତବ୍ୟ ରଖିବା ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ତାଙ୍କର କେତେକ ମନ୍ତବ୍ୟକୁ ନେଇ ଆପତ୍ତି ଉଠାଇବା ସହ ଏହାଦ୍ୱାରା ବାଚସ୍ପତିଙ୍କର ସମ୍ମାନ କ୍ଷୁର୍ଣ୍ଣ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି ।

ଏହି ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି, ଚଳିତ ବଜେଟ୍‌ରେ ଏନ୍.ଡି.ଏ. ସରକାର କୃଷକ,

ଯୁବବର୍ଗ, ମହିଳା, ଗରିବ ଏବଂ ମଧ୍ୟବିତ ପରିବାରବର୍ଗଙ୍କୁ ପ୍ରାର୍ଥମିକତା ଦେଇଛନ୍ତି । ବଜେଟ୍‌ରେ ସରକାର କେବଳ କୃଷି କ୍ଷେତ୍ର ଲାଗି ୧ଦଶମିକ୍ ୫/୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରିଥିବା ବେଳେ ଦକ୍ଷତା ବୃଦ୍ଧି ବ୍ୟତୀତ ୫୦୦ଟି ବୃହତ କମ୍ପାନୀରେ ୧ କୋଟି ଯୁବବର୍ଗଙ୍କର ଇଣ୍ଟର୍ଣ୍ଣସିପ୍ କରିବାର ସୁବିଧା ସମ୍ପର୍କିତ ଯୋଜନା ମଧ୍ୟ ଘୋଷଣା କରିଛନ୍ତି ।

## ଇ-ଶ୍ରମ

ଇ-ଶ୍ରମ ପୋର୍ଟାଲ୍‌ରେ ଚଳିତ ମାସ ୨୨ ତାରିଖ ସୁଦ୍ଧା ୨୨ କୋଟି ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ନିଜ ନାମ ପଞ୍ଜିକୃତ କରାଇଛନ୍ତି । ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କାରାନ୍ଦ ଲାଜେ ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର ୨୦୨୧ ଅଗଷ୍ଟ ମାସରେ ପରିଚୟପତ୍ର ଯାଞ୍ଚ୍ କରି ଅଣସଂଗଠିତ ଶ୍ରମିକମାନଙ୍କର ଏକ ସମନ୍ୱିତ ଜାତୀୟ ଡାଟାବେଶ୍ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରିଥିଲେ । ଏହା ମାଧ୍ୟମରେ ସମ୍ପୃକ୍ତ ଶ୍ରମିକମାନଙ୍କୁ ଇ-ଶ୍ରମ କାର୍ଡ୍ ଏବଂ ଏକ ଆକାଉଣ୍ଟ ନମ୍ବର ପ୍ରଦାନ କରାଯାଇଥାଏ । ଏହି ପୋର୍ଟାଲ୍‌ରେ ଅଣସଂଗଠିତ ଶ୍ରମିକମାନଙ୍କର ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସରକାର

ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସଚେତନତା ସୃଷ୍ଟି କରିଛନ୍ତି ବୋଲି ଶ୍ରମ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **ମଧୁମେହ ରୋଗର ଚିକିତ୍ସା ଓ ନିରାକରଣ**। ଏମ୍ସ ନୂଆଦିଲ୍ଲୀର ଏଣ୍ଡୋ କ୍ରାଇନୋଲୋଜି ବିଭାଗର ପ୍ରଫେସର ଡାକ୍ତର ରାଜେଶ ଖଡଗାୱ୍ୱତ୍ ଆଲୋଚନାରେ ବିଶେଷଜ୍ଞ ଭାବେ ଅଂଶଗ୍ରହଣ କରି ଶ୍ରୋତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି କିମ୍ବା 9289094044 ନମ୍ବରକୁ ହ୍ୱାଟ୍ସଆପ୍ କରି ନିଜର ପ୍ରଶ୍ନ ପଚାରି ପାରିବେ । ଏହାଛଡ଼ା ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ମଧ୍ୟ ବିଶେଷଜ୍ଞଙ୍କୁ ପ୍ରଶ୍ନ ପଚାରି ପାରିବେ । ଏହି କାର୍ଯ୍ୟକ୍ରମ ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଭେନେଜୁଏଲା-ପ୍ରେସିଡେଣ୍ଟ

ନିକୋଲାସ୍ ମାଦୁରୋ ତୃତୀୟ ଥର ଲାଗି ଭେନେଜୁଏଲାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଜାତୀୟ ଇଲେକ୍ଟୋରାଲ୍ ପରିଷଦ ଦ୍ୱାରା ଏହି ନିର୍ବାଚନ ପରିଚାଳିତ ହୋଇଥିଲା । ପରିଷଦର ମୁଖ୍ୟ ଏଲ୍‌ଭିସ୍ ଆମୋରସ୍ କହିଛନ୍ତି, ଏପର୍ଯ୍ୟନ୍ତ ୮୦ ପ୍ରତିଶତ ଭୋଟ୍ ଗଣତି ଶେଷ ହୋଇଛି । ତେବେ ରାଷ୍ଟ୍ରପତି ନିକୋଲାସ୍ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ୭ ପ୍ରତିଶତ ଅଧିକ ଭୋଟ୍ ପାଇଛନ୍ତି । ମୋଟ୍ ୧୦ ଜଣ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରୁ ଭେନେଜୁଏଲାର ୨ କୋଟି ୧୬ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ନିକୋଲାସ୍  ମାଦୁରୋଙ୍କ ସପକ୍ଷରେ ମତଦାନ କରିଛନ୍ତି ।

## ଅଲିମ୍ପିକ୍-ହକି

ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ପୁରୁଷ ହକି ବର୍ଗରେ ଭାରତ ଆର୍ଜେନଣ୍ଟିନା ମ୍ୟାଚ୍ ଅମିମାଂସିତ ଭାବେ ଶେଷ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନାର ଲୁକାସ୍ ମାଟିନେଚ୍ ଦଳ ପକ୍ଷରୁ ଏକ ମାତ୍ର ଗୋଲ୍ ସ୍କୋର କରିଥିବା ବେଳେ ଭାରତ ପକ୍ଷରୁ ଅଧିନାୟକ ହର୍‌ମନପ୍ରୀତ ସିଂହ ଗୋଲ୍‌ଟି ଦେଇଥିଲେ । ଅଷ୍ଟ୍ରେଲିଆ ବିପକ୍ଷରେ ୧-୨ରେ ପରାସ୍ତ ହୋଇଥିବା ଆୟରଲାଣ୍ଡ ଦଳକୁ ଭାରତ ପରବର୍ତ୍ତି ମ୍ୟାଚ୍‌ରେ ଭେଟିବ ।

# ଅଲିମ୍ପିକ୍

ପ୍ୟାରିସ୍ ଅଲିମ୍ପିକ୍ସରେ ପୁରୁଷ ୧୦ ମିଟିର ବନ୍ଧୁକ ଚାଳନା ବର୍ଗରେ ଭାରତର ଅର୍ଜୁନ ବାବୁତା ଚତୁର୍ଥ ସ୍ଥାନରେ ରହିଛନ୍ତି ।  ଏହି ବର୍ଗରେ ଚୀନ୍‌ର ସେଙ୍ଗ୍ ଲିହାଓ ସ୍ୱର୍ଣ୍ଣ, ସ୍ୱିଡେନ୍‌ର ଭିକ୍ଟର ଲିଣ୍ଡଗ୍ରେନ୍ ରୌପ୍ୟ ଏବଂ କ୍ରୋଏସିଆର ମିରନ୍ ମାରିକିକ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଆଜି କୌଣସି ପଦକ ହରାଇବାରେ ଅର୍ଜୁନ ହେଉଛନ୍ତି ଦ୍ୱିତୀୟ ଭାରତୀୟ ସୁଟର୍ ।

ପୂର୍ବରୁ ମହିଳା ୧୦ ମିଟର ବନ୍ଧୁକ ଚାଳନା ଫାଇନାଲ୍‌ରେ ଭାରତୀୟ ରାମିତା ଜିନ୍ଦଲ୍ ସପ୍ତମ ସ୍ଥାନରେ ରହିଛନ୍ତି ।